CoverageReport: TCS IT Wiz – Bhubaneswar Edition (Post -event)

**Publication:** Hiranchal
**Date:** 16/09/2014
**Edition:** Bhubaneswar
**Page No:**5
**Headline:**DAV Pokariput winners of TCS IT Wiz 2014, Bhubaneswar edition

# ଡିଏଭି, ପୋଖରୀପୁଟ୍ ଟିସିଏସ୍ ଆଇଟି ୱିଜ୍-୨୦୧୪ ଭୁବନେଶ୍ୱର ସଂସ୍କରଣର ବିଜେତା

ଭୁବନେଶ୍ୱର : ଭୁବନେଶ୍ୱର ଜୟଦେବ ବିହାର ରୋଡ଼ସ୍ଥିତ ପାଲ୍ ହାଇଟ୍ସରେ ଅନୁଷ୍ଠିତ ଟିସିଏସ୍ ଆଇଟି ୱିଜ୍‌ରେ ବିଭିନ୍ନ ସିଟି ସ୍କୁଲର ପ୍ରାୟ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଦେଶର ପ୍ରମୁଖ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଦ୍ୱାରା ଆୟୋଜିତ ଟିସିଏସ୍ ଆଇଟି ୱିଜ୍ ହେଉଛି ଭାରତର ସର୍ବବୃହତ୍ ଆନ୍ତଃବିଦ୍ୟାଳୟ ସ୍କୁଲ୍ ଆଇଟି କ୍ୱିଜ୍ କାର୍ଯ୍ୟକ୍ରମ।




ଭୁବନେଶ୍ୱର ସଂସ୍କରଣ ଆଞ୍ଚଳିକ ଫାଇନାଲ୍‌ରେ ଡିଏଭି, ପୋଖରୀପୁଟ୍‌ର ଦିବ୍ୟେନ୍ଦୁ ମିଶ୍ର ଏବଂ କ୍ରିଷ୍ଣେନ୍ଦୁ ମହାପାତ୍ର ସେମାନଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଞ୍ଚଳିକ ରାଉଣ୍ଡ ବିଜେତାଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପ୍ରଦାନ କରାଯାଇଥିଲା ବେଳେ ବହୁ ଆଇଟି ଜ୍ଞାନଧାରୀ ଛାତ୍ରଛାତ୍ରୀଙ୍କ ସହ ପ୍ରତିଯୋଗିତା ପରେ ରନର୍ସ ଅପ୍ ହୋଇଥିବା ଡିପିଏସ୍, କଳିଙ୍ଗର ଅକ୍ସଦ୍ ଏବଂ ଅଂଶୁମାନଙ୍କୁ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ମିନି ଏବଂ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଏବଂ ମେଡାଲ୍ ଦିଆଯାଇଥିଲା। ୬ ଚୂଡ଼ାନ୍ତ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ସ୍କେସ୍ ପ୍ୟାକ୍, ସିପରସ, ଇୟରଫୋନ୍, ୟୁଏସ୍‌ବି ପେନ୍ ଡ୍ରାଇଭ୍, ସ୍ପିକର୍ସ, ପ୍ରଭୃତି ପ୍ରଦାନ କରାଯାଇଥିଲା। ଉଭୟ ଆଞ୍ଚଳିକ ବିଜେତା ଟିସିଏସ୍ ଆଇଟି ୱିଜ୍ ମେଗା ଫାଇନାଲ୍‌ରେ ଭୁବନେଶ୍ୱର ପାଇଁ ପ୍ରତିନିଧିତ୍ୱ କରିବେ।

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୁଦ୍ର ନାରାୟଣ ପଲ୍ଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଇଣ୍ଟେଲିଜେଣ୍ଟ୍ ଏବଂ ଇଣ୍ଟରେଷ୍ଟିଂ ପ୍ରଶ୍ନ ସମେତ ସଫ୍ଟୱେର ଆଧାରିତ ରାଉଣ୍ଡ, ଗେମିଫିକେସନ୍ ଓ ଆନିମେସନ୍ ମାଧ୍ୟମରେ ଟିସିଏସ୍ ଆଇଟି ୱିଜ୍ କ୍ୱିଜ ଦୁନିଆରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିଛି। ଚଳିତ ବର୍ଷ ଏହି ପ୍ଲାଟ୍‌ଫର୍ମରେ ସାରା ବିଶ୍ୱରେ ଥିବା ଜ୍ଞାନକୌଶଳ ଟ୍ରେଣ୍ଡ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୱିଜ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏହି ଜ୍ଞାନକୌଶଳ ବୁଝିବା ଦ୍ୱାରା ଭବିଷ୍ୟତରେ ବେଶ୍ ଉପକୃତ ହେବେ। ଟିସିଏସ୍ ଆଇଟି ୱିଜ୍ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପାଠ ପଢ଼ୁଥିବା ହାଇସ୍କୁଲ୍ ଛାତ୍ରଛାତ୍ରୀ (ଜୁନିଅର୍ କଲେଜ ଛାତ୍ରଛାତ୍ରୀଙ୍କ ସମେତ)ଙ୍କ ନିମନ୍ତେ ଖୋଲା ଥିଲା। ଏଥିପାଇଁ କୌଣସି ଏଣ୍ଟ୍ରି ଫି' ନଥିଲା।